ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ବୁଧବାର, ଅକ୍ଟୋବର ୧୬ /୨୦୧୯ Rayagada, Wednesday, October 16/ 2019

## ସଂକ୍ଷେପରେ

### ସୀମାନ୍ତରେ ଏନ୍‌କାଉଣ୍ଟର: ଜଣେ ମାଓବାଦୀ ନିହତ

ମାଲକାନଗିରି,୧୫।୧୦(ସ୍ୱ.ପ୍ର.)- ମାଲକାନଗିରି ଜିଲା ମାଥିଲି ଥାନା ସୀମାନ୍ତ ଛତିଶଗଡ଼ର ସୁକୁମା ଅଞ୍ଚଳରେ ମଙ୍ଗଳବାର ପୋଲିସ-ମାଓବାଦୀଙ୍କ ମଧ୍ୟରେ ଗୁଳିବିନିମୟ ହୋଇଛି। ଫଳରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ପୁଷପାଲ ଥାନା ତୁଳସୀ ପାହାଡ଼ରେ ମାଓବାଦୀମାନେ ଏକାଠି ହୋଇଥିବା ଖବର ପାଇ ପୋଲିସ କୋମ୍ବିଂ ଅପରେଶନ କରିଥିଲା। ଏହି ସମୟରେ ପୋଲିସକୁ ଦେଖି ମାଓବାଦୀମାନେ ପ୍ରଥମେ ଗୁଳିଚାଳନା କରିଥିଲେ। ପୋଲିସ ମଧ ଏହାର ଜବାବ ଦେଇଥିଲା। ପୋଲିସ ଗୁଳିର ମୁକାବିଲା କରି ନ ପାରି ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ସମ୍ପୃକ୍ତ ଅଞ୍ଚଳ ତଲାସୀ କରିବାରୁ ଜଣେ ମାଓବାଦୀଙ୍କ ମୃତଦେହ ମିଳିଥିଲା। ତାଙ୍କ ପରିଚୟ ମିଳିନାହିଁ। ଘଟଣାସ୍ଥଳରୁ ବନ୍ଧୁକ ଓ ମାଓବାଦୀ ପୁସ୍ତକ ଜବତ ହୋଇଛି।

### ଜୁଆ ଆଡ୍ଡା ଉପରେ ଚଢ଼ାଉ, ୩ ଗିରଫ

କାଲିମେଳା,୧୫।୧୦(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ ଗୁମୁକା ପଞ୍ଚାୟତର ଏମପିଭି-୧୪ ଗ୍ରାମରେ ଜୁଆଖେଳ ଚାଲିଥିବା ଖବର ପାଇ ପୋଟେରୁ ପୋଲିସ ଜୁଆ ଆଡ୍ଡା ଉପରେ ଚଢ଼ାଉ କରି ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏମପିଭି-୧୪ ଗ୍ରାମର ଅମଳ ମାହାଲଦାରଙ୍କ ପୁଅ ସାଧନ ମାହାଲଦାର(୨୮),ରବିନ୍ଦ୍ର ଖାନଙ୍କ ପୁଅ ବରୁଣ ଖାନ୍ (୩୨) ଓ ରମେଶ ବିଶ୍ୱାସଙ୍କ ପୁଅ କମଳ ବିଶ୍ୱାସ (୨୫)। ଏମପିଭି-୧୧୪ ଗ୍ରାମର ଏକ ନିଛାଟିଆ ଅର୍ଦ୍ଧନିର୍ମିତ ଗୃହରେ ଏହି ଜୁଆଖେଳ ଚାଲିଥିଲା। ଏଥିରେ ସମ୍ପୃକ୍ତ ଥିବା ଅମୃତ ଧାନ ଓ ପ୍ରଶାନ୍ତ ମଣ୍ଡଳ ଫେରାର ହୋଇଯାଇଛନ୍ତି। ଚଢ଼ାଉ ସମୟରେ ପୋଲିସ ଏମାନଙ୍କଠାରୁ ୪୨୨୦ ଟଙ୍କା ଜବତ କରିଛି। ୧୬୦/୧୯ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ପିସି କେ. ଲାକ୍ରା,ଏଏସଆଇ ମନୋହର ସାହୁ, କନଷ୍ଟେବଳ ସମିର ବିଶ୍ୱାସ, ଅମ୍ବିକା ମହାନ୍ତି, ହୋମଗାର୍ଡ ମିଣ୍ଟୁ ମଣ୍ଡଳ, ମିଥୁନ ବିଶ୍ୱାସ ପ୍ରମୁଖ ସାମିଲ ଥିଲେ।

## ■ ଗ୍ରାମ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

# କ୍ଷୟକ୍ଷତି ରୋକିବା ନେଇ ଗୁରୁତ୍ୱ

ମାଲକାନଗିରି,୧୫।୧୦(ଡି.ଏନ.ଏ.)

ମାଲକାନଗିରି ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେଉଁ କ୍ଷୟକ୍ଷତି ହେଉଛି ତାହା ଯେପରି ନ ହେବ ସେଥିପାଇଁ ଜିଲା ପ୍ରଶାସନ ଗ୍ରାମସ୍ତରୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର କରିଛି। ମଙ୍ଗଳବାର ଅନୁଷ୍ଠିତ ଏହି ଶିବିର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଏସ୍‌ପି ହ୍ରିଷିକେଶ ଡି. ଖିଲାରି, ଅତିରିକ୍ତ ଏସ୍‌ପି ଉଦ୍ଧବ ନାୟକ, ସହକାରୀ ଜିଲାପାଳ ତଥା ଜରୁରୀକାଳିନ ଅଧିକାରୀ ପ୍ରମୋଦ କୁମାର ବେହେରା, ଅକ୍ଷୟ କୁମାର ଖେମୁଣ୍ଡୁ, ରାଜ୍ୟ କୋର୍ଡିନେଟର ଗୋରୀ ପ୍ରସାଦ ମିଶ୍ର, ମାଲକାନଗିରି ଜିଲା କୋର୍ଡିନେଟର ସୁଧାଂଶୁ ଶେଖର ପୃଷ୍ଟି, ଅଗ୍ନିଶମ ଅଧିକାରୀ ଗୁପ୍ତେଶ୍ୱର ଦାସ, ୭ ବ୍ଲକର ବିଡିଓ ଓ ତହସିଲଦାର, ସ୍ୱେଚ୍ଛାସେବୀ ସଙ୍ଗଠନ ପରିବର୍ତ୍ତନ ଏବଂ ସିଓ୍ୱାଇଏସ୍‌ଟିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ରାଜ୍ୟ ସଂଯୋଜକ ମିଶ୍ର କହିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅନେକ ଧନ ଜୀବନ, ଚାଷ, ରାସ୍ତାଘାଟ କ୍ଷୟକ୍ଷତି ଘଟୁଛି। ପ୍ରାକୃତିକ ବିପର୍ଯ୍ୟୟ ପୂର୍ବରୁ କିପରି ପଦକ୍ଷେପ ନିଆଗଲେ ଏହି ସମୟର କ୍ଷୟକ୍ଷତିକୁ ରୋକା ଯାଇପାରିବ ସେ ସମ୍ପର୍କରେ ଗ୍ରାମାଞ୍ଚଳରୁ ତଥ୍ୟ ସଂଗ୍ରହ ପାଇଁ ଯୋଜନା କରାଯାଇଛି। ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଯେଉଁ ଅଞ୍ଚଳରେ କ୍ରମାଗତ ଭାବେ କ୍ଷତି ଘଟୁଛି ସେହି ସବୁ ଅଞ୍ଚଳର ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା ମାଧ୍ୟମରେ ମତାମତ ସଂଗ୍ରହ କରାଯିବ । ସେମାନଙ୍କ ମତକୁ ନେଇ ପଦକ୍ଷେପ ନିଆଗଲେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗ୍ରାମାଞ୍ଚଳରେ କୌଣସି କ୍ଷୟକ୍ଷତି ହେବ ନାହିଁ ବୋଲି ମିଶ୍ର ପ୍ରକାଶ କରିଥିଲେ। ସେ ଶିବିରରେ ତାଲିମ ଦେଇ ପୁଣି କହିଲେ ଯେ, ମାଲକାନଗିରି ଜିଲାରେ ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୭ଟି ବ୍ଲକର ୧୨୯ଟି ଗ୍ରାମକୁ ନିଆଯାଇଛି। ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତାମାନେ ଆସନ୍ତା ୨୫ ତାରିଖ ପୂର୍ବରୁ ଏହି ସବୁ ଗ୍ରାମକୁ ଯାଇ ଗ୍ରାମସଭା ମାଧ୍ୟମରେ ମତାମତ ସଂଗ୍ରହ କରି ସମ୍ପୃକ୍ତ ବିଡିଓ, ତହସିଲଦାର ଏବଂ ଜିଲା ଜରୁରିକାଳୀନ କାର୍ଯ୍ୟାଳୟକୁ ପଠାଇବେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧନଜୀବନ ସହ ରାସ୍ତାଘାଟ, ପୋଲ, ବିଦ୍ୟୁତ୍, ଆଶ୍ରୟସ୍ଥଳୀ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ କ୍ଷତିଗ୍ରସ୍ତ ହେଉଛି। ଏହାକୁ ରୋକିବା ଲାଗି ରାଜ୍ୟ ସରକାର ଗୁରୁତର ସହ ନେଇଛନ୍ତି। ଫଳରେ ଯୁଦ୍ଧକାଳୀନ ଭିତ୍ତିରେ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହ ପ୍ରତି ମାସରେ ଜିଲାସ୍ତରୀୟ ବୈଠକରେ ଏହାର ସମୀକ୍ଷା କରାଯିବ ବୋଲି ଜିଲାପାଳ ଅଗ୍ରୱାଲ କହିଥିଲେ।



ଗ୍ରାମାଞ୍ଚଳ ବିପର୍ଯ୍ୟୟ ରୋକିବା ନେଇ ପ୍ରଶାସନ ପକ୍ଷରୁ ବସିଥିବା ବୈଠକ ।

## ■ ମାରିଗେଟାରେ ସାପ୍ତାହିକ ହାଟ ଉଦ୍‌ଘାଟିତ

# ଲୋକଙ୍କ ଆର୍ଥିକ ଉନ୍ନତି ଆଣିପାରିବ ହାଟ

କାଲିମେଳା,୧୫।୧୦(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ମାଓବାଦୀ ଅଞ୍ଚଳ ରୂପେ ପରିଚିତ ବଡିଗେଟା ପଞ୍ଚାୟତର ମାରିଗେଟା ଗ୍ରାମରେ ଏକ ନୂତନ ସାପ୍ତାହିତ ହାଟ ମଙ୍ଗଳବାର ଉଦଘାଟିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ମାଲା ମାଢ଼ି ମୁଖ୍ୟଅତିଥି ଭାବେ ଯୋଗଦେଇ ହାଟକୁ ଉଦ୍‌ଘାଟନ କରଥିଲେ। ସପ୍ତାହର ପ୍ରତି ମଙ୍ଗଳବାର ଗ୍ରାମ ବିଦ୍ୟାଳୟ ପଛପଟେ ଥିବା ସ୍ଥାନରେ ଏହି ହାଟ ବସିବ। ହାଟ ଯୋଗୁ ପଞ୍ଚାୟତର ମାରିଗେଟା, ବଡିଗେଟା, କୁରୁବ, ଏଲକାନୁର, କୁର୍ମାନୁର, ଟେକଗୁଡା, ଟେକଗୁଡା କଲୋନୀ, ଗମ୍ପାକୋଣ୍ଡା ପଞ୍ଚାୟତ, ବେଜାଙ୍ଗିବାଡା ପଞ୍ଚାୟତର ଗ୍ରାମବାସୀ ଉପକୃତ ହେବେ। ଏହି ଅଞ୍ଚଳର ଲୋକେ ଜଙ୍ଗଲଜାତ ଦ୍ରବ୍ୟ ସହ ବାଡିବଗିଚାର ବିଭିନ୍ନ ପନିପରିବା ବିକ୍ରି କରିବା ଲାଗି ସୁବିଧା ପାଇପାରିବେ। ଗ୍ରାମ ଗ୍ରାମ ମଧ୍ୟରେ ଉତ୍ତମ ସମ୍ପର୍କ ପ୍ରତିଷ୍ଠା ସହ ଲୋକଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ଏହା ପୂର୍ବରୁ ଉପରୋକ୍ତ ଅଞ୍ଚଳ ଲୋକେ କାଲିମେଳା ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିଲେ। ତେବେ ଗମନାଗମନ ସୁବିଧା ଏବଂ ଦୂରତା ଦୃଷ୍ଟିରୁ ସମସ୍ତେ କାଲିମେଳା ହାଟକୁ ଆସିପାରୁ ନ ଥିଲେ। ଉଦ୍‌ଘାଟନ ଉତ୍ସବରେ ସମିତିସଭ୍ୟ କମଲ ସରକାର, ପୂର୍ବତନ ଜିଲା ପରିଷଦ ସଦସ୍ୟ ସହଦେବ ମାଟାମଙ୍କ ସହ ସମାଜିକ କର୍ମୀ, ବିଭିନ୍ନ ଗ୍ରାମର ୱାର୍ଡମେମ୍ବର, ଗାଁ ମୁଖିଆମାନେ ଉପସ୍ଥିତ ଥିଲେ।



ହାଟକୁ ଅତିଥିମାନେ ଉଦଘାଟନ କରୁଛନ୍ତି ।

## ■ ଲାଞ୍ଚ ନ ଦେବାରୁ ଭତ୍ତା ହେଲାନି

# ଅଭିଯୋଗ ପରେ ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମଚାରୀ ବହିଷ୍କୃତ

କୋରୁକୋଣ୍ଡା, ୧୫।୧୦ (ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ କୁମ୍ଭାରଗୁଡା ଗ୍ରାମବାସୀ ମଙ୍ଗଳବାର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୂଜାରୀଙ୍କୁ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ କାର୍ଯ୍ୟ କରୁଥିବା ଜଣେ କର୍ମଚାରୀଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, କୋରୁକୋଣ୍ଡା ବ୍ଲକର ଦିବ୍ୟାଙ୍ଗମାନଙ୍କ ଭତ୍ତା କରିବା ଲାଗି ଶାରଦା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାୟିତ୍ୱ ନେଇଛି। ଅନୁଷ୍ଠାନ ପକ୍ଷରୁ ମଧୁ ମଙ୍ଗଳ ରାୟଙ୍କୁ ଏହି ବ୍ଲକ ଦାୟିତ୍ୱ ପ୍ରଦାନ କରାଯାଇଛି। କୁମ୍ଭାରଗୁଡା ଗ୍ରାମର ରାମ ସିଂ କୁମ୍ଭାରଙ୍କ ପୁଅ ମହାଦେବ ଜଣେ ଦିବ୍ୟାଙ୍ଗ ବ୍ୟକ୍ତି। ସେ ଦିବ୍ୟାଙ୍ଗ ଭତ୍ତା ପାଇଁ ସମସ୍ତ କାଗଜପତ୍ର ସହ ଆବେଦନ କରିଥିଲେ ମଧ୍ୟ ୩ମାସରୁ ଅଧିକ ଦିନ ହେଲାଣି ତାଙ୍କ ଭତ୍ତା ହୋଇପାରୁନାହିଁ। ଅନିଲ ତାଙ୍କୁ ଏଥିପାଇଁ ୧ ହଜାର ଟଙ୍କା ଲାଞ୍ଚ ମାଗୁଛନ୍ତି। ସେ ଟଙ୍କା ନ ଦେବାରୁ ତାଙ୍କର ଭତ୍ତା ହୋଇପାରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ଶାରଦା ସ୍ୱେଚ୍ଛାସେବୀ ସଙ୍ଗଠନର ଜିଲା କାର୍ଯ୍ୟକ୍ରମ ଅଧିକାରୀ ବିଷ୍ଣୁ ପ୍ରସାଦ ପ୍ରହରାଜଙ୍କୁ ପଚାରିବାରୁ ସେ କହିଲେ ଯେ, ସେ ଏସମ୍ପର୍କରେ ଅବଗତ ଅଛନ୍ତି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମଧ ତାଙ୍କୁ ଏବିଷୟରେ ଜଣାଇଛନ୍ତି। ଅଭିଯୋଗ ପାଇବା ପରେ ସେ ମଧୁ ମଙ୍ଗଳଙ୍କୁ କାର୍ଯ୍ୟରୁ ବହିଷ୍କୃତ କରିଦେଇଛନ୍ତି ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ଟଙ୍କା ଦେଇ ନ ପାରିବାରୁ ପୁଅର ଭତ୍ତା ହେଉ ନ ଥିବା ଜାଣିବା ପରେ ରାମ ସିଂ କେତେକ ଗ୍ରାମବାସୀଙ୍କ ସହାୟତା ଲୋଡିଥିଲେ। ସେମାନଙ୍କୁ ନେଇ ସେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଜଣାଇ ପୁଅର ଭତ୍ତା ପାଇଁ ଅନୁରୋଧ କରିଥିଲେ।




# ଆଦିବାସୀ ରୀତିନୀତିରେ ପୂଜା ପାଆନ୍ତି ରାଜ ଲିଙ୍ଗେଶ୍ୱର

କୋରୁକୋଣ୍ଡା,୧୫।୧୦(ଡି.ଏନ.ଏ.)

- ପୀଠରେ ସବୁବେଳେ ଅଖଣ୍ଡ ଦ୍ୱୀପ ଲାଗିଥାଏ
- ଦର୍ଶନ ସହ ଶ୍ରଦ୍ଧାଳୁମାନେ ବଣଭୋଜି ମଧ କରିଥାନ୍ତି
- ଏହି ପୁରାତନ ମନ୍ଦିରର ଆବଶ୍ୟକ ହେଲାଣି ମରାମତି

ଧର୍ମ ମାସ କାର୍ତ୍ତିକ। ଏଥିପାଇଁ ପ୍ରତ୍ୟେକ ଶୈବ ପୀଠ ହୋଇଉଠିଛି ଚଳଚଞ୍ଚଳ । ଶୈବ ପୀଠଗୁଡିକୁ ବିଭିନ୍ନ ଆଲୋକମାଳାରେ ସଜାଯାଇଛି। ମନ୍ଦିର କମିଟି ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ଯେପରି ଶ୍ରଦ୍ଧାଳୁମାନେ ଦର୍ଶନ କରିପାରିବେ ସେନେଇ ସମସ୍ତ ପ୍ରସ୍ତୁତି ପୂର୍ବରୁ ସରିଛି। ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିତାପାରି-୩ ପଞ୍ଚାୟତର ପୁରୁଣା ବାଲିମେଳା ଗ୍ରାମରେ ରହିଛି ଏପରି ଏକ ଶୈବପୀଠ ଯେଉଁଠି ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ଧରି ପୂଜା ପାଉଛନ୍ତି ଶ୍ରୀ ରାଜଲିଙ୍ଗେଶ୍ୱର। ଆଦିବାସୀ ସମ୍ପ୍ରଦାୟର ଆଦିବାସୀ ରୀତିନୀତିରେ ପୂଜା ହେଉଥିବା ଏହି ପୀଠରେ ପ୍ରାୟ ସମୟ ଜନଗହଳି ରହିଥାଏ। ପ୍ରତ୍ୟେକ ସୋମବାର ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଏଠାକୁ ପୂଜା କରିବାକୁ ଆସିଥାନ୍ତି। ଏଠାରେ ପରିବେଶ ଏପରି ହୋଇଛି ଯେ, ଲୋକମାନେ ବଣଭୋଜି କରିବାକୁ ମଧ ଆସିଥାନ୍ତି। ପୀଠରେ ସବୁବେଳେ ଅଖଣ୍ଡ ଦ୍ୱୀପ ଲାଗିଥାଏ। ମନ୍ଦିର ପୂଜକ ରୂପେ କ୍ରିଷ୍ଣା ପାଙ୍ଗି ୨୫ ବର୍ଷ ହେବ ପୂଜା କରୁଛନ୍ତି। ଦୀର୍ଘ ବର୍ଷର ଏହି ମନ୍ଦିରର ଏବେ ମରାମତି ଦରକାର ପଡିଲାଣି। ଏ ସମ୍ପର୍କରେ ପୂଜାରି ପାଙ୍ଗି ବାରମ୍ବାର ସ୍ଥାନୀୟ ଅଞ୍ଚଳର ରାଜନେତାଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳିନାହିଁ। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଏହି ପୁରାତନ ମନ୍ଦିରର କଳେବର ବଦଳିପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।



# ସ୍ୱାସ୍ଥ୍ୟସେବା ଶିବିରରେ ୩୬୦ ରୋଗୀ ପାଇଲେ ଚିକିତ୍ସା

ଚିତ୍ରକୋଣ୍ଡା,୧୫।୧୦(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗୁଡା ପଞ୍ଚାୟତର ଆରଏସସି-୧୧ ଓ ୧୯, ନମ୍ବର, ବଡ଼ପଦର ପଞ୍ଚାୟତର ଫୁଲପଦର, ରାଙ୍ଗିନଗୁଡା ବଡପଦର ଗ୍ରାମରେ ଏସାର କମ୍ପାନୀ ସହାୟତାରେ ଦୁଇଦିନିଆ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର ଗୁରୁଦେବ ବିଶି, ଡାକ୍ତର ସମୀର ଗୋଲଡର ଓ ଫାର୍ମାଶିଷ୍ଟ ବିକାଶ କୁମାର ଉପସ୍ଥିତ ରହି ରୋଗୀଙ୍କୁ ଚିକିତ୍ସା କରିଥିଲେ। ଏଥିରେ ୩୬୦ ରୋଗୀଙ୍କୁ ଚିକିତ୍ସା କରି ଔଷଧ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଗ୍ରାମରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି କମ୍ପାନୀର ବରିଷ୍ଠ ପରିଚାଳକ ସବଳ କୁମାର ଝା କହିଛନ୍ତି।




ସ୍ୱାସ୍ଥ୍ୟସେବା ଶିବିରରେ ଚିକିତ୍ସା ପାଇଁ ଅପେକ୍ଷା କରିଥିବା ଗ୍ରାମବାସୀ ।

### ମୁଖ୍ୟମନ୍ତ୍ରୀଙ୍କୁ କୋରାପୁଟ ବିଜେଡିର କୃତଜ୍ଞତା

କୋରାପୁଟ,୧୫।୧୦(ସ୍ୱ.ପ୍ର.)

କୋରାପୁଟରେ ୫୦୦ ଶଯ୍ୟାବିଶିଷ୍ଟ ୱାର୍ଡ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ କୃତଜ୍ଞତା ଜଣାଇଛି ଜିଲା ବିଜେଡି। ଆୟୋଜିତ ସଭାରେ ବିହନ ନିଗମ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁରାମ ପଡାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, ପଟ୍ଟାଙ୍ଗି ବିଧାୟକ ପ୍ରୀତମ ପାଢ଼ୀ, ଜିଲା ପରିଷଦ ଅଧ୍ୟକ୍ଷ ତୁଳସୀ କିର୍ସାନି, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ତିନିଦିନ ହେଲା ବିଦ୍ୟୁତ୍ ଯୋଗାଣ ବନ୍ଦ

ଲମତାପୁଟ,୧୫।୧୦(ଡି.ଏନ୍.ଏ.): ଲମତାପୁଟ ବ୍ଲକ ମାଛକୁଣ୍ଡରେ ଜଳ ବିଦ୍ୟୁତ କେନ୍ଦ୍ର ରହିଛି। ଏଠାରୁ ଉତ୍ପାଦିତ ବିଦ୍ୟୁତ ରାଜ୍ୟ ଓ ପଡ଼ୋଶୀ ଆନ୍ଧ୍ରପ୍ରଦେଶକୁ ଯୋଗାଣ ହେଉଛି। କିନ୍ତୁ ଦୀପ ତଳ ଅନ୍ଧାର ଭଳି ଲମତାପୁଟ ବ୍ଲକ ସଦର ସମେତ ୯୦ ପ୍ରତିଶତ ଗ୍ରାମକୁ ଗତ ଶନିବାର ଅପରାହ୍ନ ୨ରୁ ତିନିଦିନ ହେଲାଣି ବିଦ୍ୟୁତ ଯୋଗାଣ ବନ୍ଦ ରହୁଛି। ଏନେଇ ବିଭାଗ ନନ୍ଦପୁର ଓ ଲମତାପୁଟ ମଧ୍ୟରେ ବିଦ୍ୟୁତ ତାର ଛିଣ୍ଡିଥିବା ବେଳେ ଅଧିକାଂଶ ଇନସୁଲେଟର ନଷ୍ଟ ହୋଇଥିବା ଯୋଗୁ ଏହି ସମସ୍ୟା ଦେଖାଦେଇଛି ବୋଲି ବିଭାଗ କହିଛି। ଗତ ଶନିବାର ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇଥିଲା। ବଜ୍ରପାତ ପ୍ରଭାବରେ ବିଦ୍ୟୁତ ତାର ଓ ସାମଗ୍ରୀ ନଷ୍ଟ ହୋଇଛି। କିନ୍ତୁ ଏହାର ତୁରନ୍ତ ମରାମତି କରାଯାଇ ସେବା ଯୋଗାଇଦେବାରେ ବିଦ୍ୟୁତ ବିଭାଗର ଅବହେଳା ନେଇ ଲମତାପୁଟ ବ୍ଲକର ବିଭିନ୍ନ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଏଭଳି ଅବ୍ୟବସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ତୁରନ୍ତ ବିଦ୍ୟୁତ ଯୋଗାଇଦେବାକୁ ଦାବି ହୋଇଛି।

### କ୍ରଶରରେ ପଶି ଆୟକର ଅଫିସର ଡ୍ରାମା

ସେମିଳିଗୁଡ଼ା,୧୫।୧୦(ସ୍ୱ.ପ୍ର.): ନିଜକୁ ଆୟକର ବିଭାଗ ଅଫିସର କରି କ୍ରଶର କର୍ମଚାରୀଙ୍କୁ ମାଡ଼ ମାରିବା ସହ ୧୦ଟି ଗାଡ଼ିର ଚାବି ଓ ୧୦ଟି ମୋବାଇଲ ଲୁଟି ନେଇଛନ୍ତି ଦୁର୍ବୃତ୍ତ। କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପାକଝୋଲା ପଞ୍ଚାୟତରେ ଥିବା ମା' ତାରାତାରିଣୀ ଷ୍ଟୋନ କ୍ରଶରରେ ମଙ୍ଗଳବାର ଏଭଳି ଘଟିଛି। ସୂଚନା ଅନୁଯାୟୀ, ଦୁଇଟି ଗାଡ଼ିରେ ଦୁର୍ବୃତ୍ତମାନେ ହଠାତ୍ କ୍ରଶରରେ ପହଞ୍ଚି ନିଜକୁ ଆୟକର ବିଭାଗର ଅଫିସର ପରିଚୟ ଦେଇଥିଲେ। ଏହାପରେ ହାଇୱା ଡ୍ରାଇଭର ଓ ଅନ୍ୟ କର୍ମଚାରୀଙ୍କୁ ମାଡ଼ମାରି ୧୦ଟି ଗାଡ଼ିର ଚାବି, ୧୦ଟି ମୋବାଇଲ ଛଡ଼ାଇ ନେଇଥିଲେ। ମାଲିକଙ୍କୁ ଆମ ନିକଟକୁ କ୍ରଶରର ସମସ୍ତ ନଥିପତ୍ର ସହ ଆସିବା ପାଇଁ ଧମକ ଦେଇ ସେମାନେ ପଳାଇଥିଲେ। ସମ୍ପୃକ୍ତ ବ୍ୟକ୍ତିମାନେ ୨ଟି ଗାଡ଼ିରେ ଆସିଥିବା ବେଳେ ଭୁବନେଶ୍ୱର ନମ୍ବର ଥିବା ଗୋଟିଏ ଟାଭେରା ଓ ଅନ୍ୟଟି ସ୍କର୍ପିଓ ଥିବା ଜଣାପଡ଼ିଛି। ଏନେଇ ସେମିଳିଗୁଡ଼ା ତହସିଲଦାର ଶରତ ମାଝୀ କହିଛନ୍ତି, ସେହି କ୍ରଶରର ଗୋଟିଏ ଗାଡ଼ି ଧରି ସୋମବାର ତଦନ୍ତ କରିଥିଲି, କିନ୍ତୁ ମଙ୍ଗଳବାର ଘଟଣାରେ ମୋ ପାଖରେ ଖବର ନାହିଁ। କ୍ରଶର ମାଲିକ ସୀମାଞ୍ଚଳ ପାଢ଼ୀ କହିଛନ୍ତି, ସେ କୌଣସି ଜାଲିଆତି କରିଥିଲେ ତାଙ୍କର ଭୟ ରହିଥାନ୍ତା। ଦୁର୍ବୃତ୍ତମାନେ ଚାନ୍ଦା ମାଗିବା ନାଁରେ ଏଭଳି କରିଥାଇପାରନ୍ତି। ଏନେଇ ସେ ସେମିଳିଗୁଡ଼ା ଥାନାରେ ଏତଲା ଦେଇଛନ୍ତି। ଥାନା ଏସ୍ଆଇ ଅନିତା ନାୟକ କହିଛନ୍ତି, ଆୟକର କିମ୍ବା ଭିଜିଲାନ୍ସ ଆସିଥିବା ନେଇ ଥାନାରେ କୌଣସି ସୂଚନା ନାହିଁ। କେଉଁମାନେ ଆୟକର ନାଁରେ ଆସିଥିଲେ ତଦନ୍ତ କଲେ ଜଣାପଡ଼ିବ।

# ଜରାଜୀର୍ଣ୍ଣ ଅବସ୍ଥାରେ ଚନ୍ଦ୍ରପୁର ଡାକ ବଙ୍ଗଳା

ଚନ୍ଦ୍ରପୁର,୧୫।୧୦(ଡି.ଏନ୍.ଏ.)



ପରିତ୍ୟକ୍ତ ଅବସ୍ଥାରେ ଚନ୍ଦ୍ରପୁର ଡାକବଙ୍ଗଳା।

**ପଦକ୍ଷେପ ନେଉନି ପ୍ରଶାସନ**
- କବାଟ,ଝରକା ତାଡ଼ି ନେଇଛନ୍ତି ଦୁର୍ବୃତ୍ତ
- ବୁଲା ଗୋରୁଙ୍କ ଆଡ୍ଡାସ୍ଥଳୀ ପାଲଟିଛି
- ତୁରନ୍ତ ମରାମତି ଦାବି କଲେ ଅଞ୍ଚଳବାସୀ

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ଡ଼ାକବଙ୍ଗଳା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି । ରକ୍ଷଣାବେକ୍ଷଣ ଅଭାବରୁ ଏହା ଦୀର୍ଘ ଏବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲାଣି ଏପରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି । ଏନେଇ ବାରମ୍ବାର ଜଣାଇଲେ ମଧ୍ୟ ପଞ୍ଚାୟତସମିତି ତରଫରୁ ଏଥିପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ପୂର୍ବତନ ସରପଞ୍ଚ ସତ୍ୟ ନାରାୟଣ ପ୍ରଟୀକା ଅଭିଯୋଗ କରିଛନ୍ତି ।

ଏହି ଡାକବଙ୍ଗଳା ପଞ୍ଚାୟତ ସମିତି ତରଫରୁ ନିର୍ମାଣ କରାଯାଇଥିଲା। ଏଥିରେ ରହିବା, ବିଦ୍ୟୁତ୍‌ସେବା ସହ ଶୀତତାପ ନିୟନ୍ତ୍ରଣର ବ୍ୟବସ୍ଥା କରାଯାଇଥିଲା । ଏଠାରେ ସରକାରୀ କର୍ମଚାରୀ, ରାଜନେତା ଆସିଲେ ରାତ୍ରିଯାପନ ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଉଥିଲା । ଚନ୍ଦ୍ରପୁର ଭଳି ଏକ ପଛୁଆ ଅଞ୍ଚଳରେ ଏଭଳି ଏକ ଡ଼ାକବଙ୍ଗଳା ପଞ୍ଚାୟତ ସମିତି ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ଏହା ମରାମତି କରାଗଲା ନାହିଁ । ଯାହା ଧୀରେ ଧୀରେ ଏହା ନଷ୍ଟ ହେବାକୁ ଲାଗିଛି । ବର୍ତ୍ତମାନ ବଙ୍ଗଳା ମଧ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ସହ କବାଟ, ଝରକାକୁ କେହି ଦୁର୍ବୃତ୍ତ ନେଇଯାଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏଥିସହ ବୁଲାକୁକୁର, ଗାଈ, ଗୋରୁ ସହ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଚନ୍ଦ୍ରପୁର ଭଳି ଏକ ପଛୁଆ ଅଞ୍ଚଳରେ ଏପରି ଏକ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚରେ ନିର୍ମିତ ଡାକବଙ୍ଗଳାର ରକ୍ଷଣାବେକ୍ଷଣର ଅଭାବ ହେତୁ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି ବୋଲି ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଏସ୍. ଈଶ୍ୱର ରାଓ ଓ ଦୟାନିଧି ପାତ୍ର ପ୍ରମୁଖ ଅଭିଯୋଗ କରିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ବ୍ଲକବାସୀ ଦାବି କରିଛନ୍ତି । ଏ ସମ୍ପର୍କରେ ଚନ୍ଦ୍ରପୁର ବିଡିଓ ଜର୍ଜ ଡୁଙ୍ଗ ଡୁଙ୍ଗଙ୍କୁ ପଚାରିବାରୁ , ବଙ୍ଗଳା ସମ୍ପର୍କରେ ମୁଁ ଅବଗତ ଅଛି । ଏହାର ଅବସ୍ଥା ଦେଖି ତାଲା ପକାଯାଇଥିଲା । କେହି ଦୁର୍ବୃତ୍ତ ସେସବୁକୁ ଭାଙ୍ଗି ନଷ୍ଟ କରିଦେଇଛନ୍ତି । ଏହାର ରକ୍ଷଣାବେକ୍ଷଣ ପାଇଁ ଅର୍ଥର ଆବଶ୍ୟକ ଅଛି । ଏଥିପାଇଁ ପ୍ରଶାସନକୁ ମୁଁ ଲିଖିତ ଭାବେ ଜଣାଇଛି ବୋଲି ସେ କହିଛନ୍ତି ।



ଜବତ କାଠ ସହ ଗିରଫ ୨ ଅଭିଯୁକ୍ତ ।

# ଚୋରା କାଠ ଜବତ, ୨ ଗିରଫ

ରାୟଗଡ଼ା ଅଫିସ,୧୫।୧୦

ରାୟଗଡ଼ା ବନ ବିଭାଗ କସ୍ତୁରୀ ନଗର ୪ର୍ଥ ଲାଇନ ଅଞ୍ଚଳରେ ଚଢାଉ କରି ମଙ୍ଗଳବାର ଚୋରା କାଠ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗାଡ଼ି ମାଲିକ ଆନ୍ଧ୍ରପ୍ରଦେଶର କତୁରୁ ଗ୍ରାମର ଜି. ରବି କୁମାର( ୪୦ )ପାର୍ବତୀପୁରମ ର ହେଲପର ଜେ .ରାମବାବୁ (୨୮)। ଏଥିସହ ଏକ ପିକଅପ୍ ଭ୍ୟାନ (ନମ୍ବର ଏପି-୩୫-୬୨୩୨) ଜବତ କରାଯାଇଛି। କାଠ ବୋଝେଇ ଉକ୍ତ ଗାଡ଼ି ଆନ୍ଧ୍ର ପ୍ରଦେଶର କତୁରୁ ଗ୍ରାମରୁ ରାୟଗଡ଼ାର କସ୍ତୁରୀନଗର ଆସିଥିଲା। ବନ ସଂରକ୍ଷକ ପ୍ରଭାକର ସେନାପତିଙ୍କ ନିର୍ଦ୍ଦେଶକ୍ରମେ ରାୟଗଡ଼ା ବନପାଳ ଡ଼ମ୍ବରୁଧର ନାୟକଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ସମୟରେ ଉକ୍ତ ଗାଡ଼ିକୁ ଯାଞ୍ଚ କରାଯାଇଥିଲା ।ଏଥିରୁ ୯୦ ଟି ଶାଗୁଆନ କାଠ ପଟା ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୮୦,୦୦୦ ଟଙ୍କା ହେବ । ଏନେଇ ଏକ ମାମଲା (ନମ୍ବର ୨୪୮/୧୯) ରୁଜୁ କରାଯାଇଛି । ଏହି ଚଢାଉରେ ପ୍ରଭାକର ସେନାପତି, ପଞ୍ଚାନନ ସାହୁ ,ମୁରଲୀଧର ରାଉତ, ସନ୍ତୋଷ କୁମାର ପ୍ରଧାନ ସାମିଲ ହୋଇଥିଲେ ।

## ■ଶିକ୍ଷକ ପଦବୀ ପୂରଣରେ ଅଣଦେଖା ଅଭିଯୋଗ

# ମନ୍ତ୍ରୀଙ୍କୁ ଭେଟିଲେ ଆବେଦନକାରୀ



ଆବେଦନକାରୀମାନେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସହ ଆଲୋଚନା କରୁଛନ୍ତି ।

ରାୟଗଡା ଅଫିସ, ୧୫।୧୦

ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟର ଶିକ୍ଷକ ପଦବୀ ନିମନ୍ତେ ଆବେଦନ କରିଥିବା ପ୍ରାର୍ଥୀମାନେ ମଙ୍ଗଳବାର ଅନୁସୂଚିତ ଜାତି ଓ ଜନ ଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟିଛନ୍ତି । ଶିକ୍ଷକ ପଦବୀ ପୂରଣରେ ଅଣଦେଖା କରାଯାଉଥିବା ଅଭିଯୋଗ କରିଛନ୍ତି । ୨ ଦିନ ପୂର୍ବେ ଆବେଦନକାରୀମାନେ ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କ ଦ୍ୱାରସ୍ଥ ହୋଇଥିଲେ । ହେଲେ ସନ୍ତୋଷଜନକ ଉତ୍ତର ନ ପାଇବାରୁ ବାଧ୍ୟ ହୋଇ ମନ୍ତ୍ରୀଙ୍କ ଦ୍ୱାରସ୍ଥ ହୋଇଥିବା ଅଭିଯୋଗ କରିଛନ୍ତି। ଆବେଦନକାରୀମାନେ ଅଭିଯୋଗ କରିଛନ୍ତି ଯେ, ଅନ୍ୟ ଜିଲାଗୁଡିକରେ ଏହି ପଦବୀ ନିମନ୍ତେ ପ୍ରକାଶିତ ବିଜ୍ଞାପନ ଅନୁସାରେ ଜିଲାର ଯୋଗ୍ୟତା ପ୍ରାର୍ଥୀମାନଙ୍କୁ ପ୍ରଥମେ ଗୁରୁତ୍ୱ ଦିଆଯାଉଛି । ଜିଲାରେ ଓଏସଟିଇଟି ପ୍ରାର୍ଥୀ ଉପଲବ୍ଧ ନ ଥିଲେ, ବିଏ ଏବଂ ବିଏସସି ଯୋଗ୍ୟତା ପ୍ରାର୍ଥୀଙ୍କୁ ଆଗ୍ରାଧିକାର ଦିଆଯିବ । ଯଦି ବିଏ ଓ ବିଏସସି ପ୍ରାର୍ଥୀ ନ ମିଳନ୍ତି ତେବେ ଅନ୍ୟ ଜିଲାର ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞାପନରେ ଉଲ୍ଲେଖ ରହିଛି। କିନ୍ତୁ ରାୟଗଡା ଜିଲାର ବିଜ୍ଞାପନ ଅନୁସାରେ, ପ୍ରଥମେ ଜିଲାର ଓଏସଟିଇଟି ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଏହି ପ୍ରାର୍ଥୀ ନ ମିଳିଲେ ଜିଲା ବାହାର ଓଏସଟିଇଟି ଯୋଗ୍ୟତା ହାସଲ କରିଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଜିଲା ବାହାରର ଓଏସଟିଇଟି ଯୋଗ୍ୟତା ପ୍ରାର୍ଥୀଙ୍କୁ ଗୁରୁତ୍ୱ ନ ଦେଇ ଅନ୍ୟ ଜିଲା ଭଳି ନିଜ ଜିଲାର ବିଏସସି ଓ ବିଇଡ଼ି ପ୍ରାର୍ଥୀଙ୍କୁ ସାମିଲ କରାଯାଉ ବୋଲି ଦାବି କରିଛନ୍ତି । ଏନେଇ ଜିଲାପାଳ ଓ ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳଙ୍କ ସହ ଆଲୋଚନା କରିବି ବୋଲି ମନ୍ତ୍ରୀ ଆବେଦନକାରୀମାନଙ୍କୁ କହିଥିଲେ । ଅଭିଯୋଗ କରିବା ସମୟରେ ନିକିତା ପାଳ,ସରୋଜିନୀ ଓଝା, ସୁହାସିନୀ ଓଝା, ପାଦକ ରମାକାନ୍ତ, ମଣି କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

### ଡୁଡୁମାରୁ ପ୍ରଜ୍ୱଳିତ ହେବ 'ପରବ' ମଶାଲ

ଲମତାପୁଟ,୧୫।୧୦(ଡି.ଏନ୍.ଏ.)

ଲମତାପୁଟ ବ୍ଲକର ପର୍ଯ୍ୟଟନସ୍ଥଳୀ ଡୁଡୁମା ଜଳପ୍ରପାତ ନିକଟସ୍ଥ ପାତାଳଶ୍ୱରୀ ମନ୍ଦିରରୁ ଜିଲାସ୍ତରୀୟ ସାଂସ୍କୃତିକ ମହୋତ୍ସବ 'ପରବ'ର ମଶାଲ ପ୍ରଜ୍ୱଳିତ ହେବ। ସେହିଠାରୁ ଏହାର ଶୁଭାରମ୍ଭ ହୋଇ ମଶାଲ ଜିଲାବ୍ୟାପୀ ପରିଭ୍ରମଣ କରିବ। ଲମତାପୁଟ ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ତ୍ରିନାଥ ମାଝିଙ୍କ ନେତୃତ୍ୱରେ ଆୟୋଜିତ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ସଭାକାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ଟିକିନପୁଟ ପଞ୍ଚାୟତ ବାରଙ୍ଗାବାଡ଼ି ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ହେବ। ଏଥିରେ ଜିଲାପାଳଙ୍କ ସମେତ ଏମ୍‌ପି, ବିଧାୟକ ଯୋଗଦେବେ।

### ସଡ଼କ ସୁରକ୍ଷା ନେଇ ସଚେତନତା

ରାୟଗଡ଼ା ଅଫିସ,୧୫।୧୦

ବିଜୁ ଯୁବ ବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ନେଇ ମଙ୍ଗଳବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୧ ଏବଂ ୧୨ ନଂ ୱାର୍ଡ଼ର ସଭ୍ୟସଭ୍ୟାମାନେ ମିଳିତ ହୋଇ ଏହି ସଚେତନତା କାର୍ଯ୍ୟକୁ ହାତକୁ ନେଇଥିଲେ । ଏହି ଅବସରରେ ସ୍ଥାନୀୟ କୋଅପରେଟିଭ୍ କଲୋନୀରୁ ଏକ ଶୋଭାଯାତ୍ରା ବାହାରି ଆରଆଇସି ଛକ,ଜ୍ୟୋତିମହଲ ରାସ୍ତା, ରାଣୀଗୁଡ଼ା, ରିଂ ରୋଡ଼ ଦେଇ କୋଅପରେଟିଭ କଲୋନୀଠାରେ ଶେଷ ହୋଇଥିଲା । ଏଥିରେ ପିଲାମାନେ ବିଭିନ୍ନ ପ୍ରକାରର ସଡ଼କ ସୁରକ୍ଷା ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନ କରାଇଥିଲେ। ମ୍ୟୁନିସପାଲିଟି ୟୁଥ କୋଡ଼ିନେଟର ଚୈତନ୍ୟ ପ୍ରଧାନ ଆୟୋଜକ ଥିଲେ ।

# କାଳୀପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ



ଶୁଭଖୁଣ୍ଟି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି ।

ରାୟଗଡ଼ା ଅଫିସ,୧୫।୧୦

ରାୟଗଡ଼ାର ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟରେ ଥିବା କାଳୀପୂଜା ଛକର କାଳୀ ମନ୍ଦିରରେ କାଳୀପୂଜା ନେଇ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଫ୍ରେଣ୍ଡସ ୟୁଥ ଆସୋସିଏଶସନ ପକ୍ଷରୁ ଆୟୋଜିତ ମା' କାଳୀଙ୍କର ୩୭ତମ ପୂଜା ଉପଲକ୍ଷେ ସବୁ ପ୍ରକାରର ପ୍ରସ୍ତୁତି କାମ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି । ଆସନ୍ତା ୨୭ ରୁ ୭ ତାରିଖ ପର୍ଯ୍ୟନ୍ତ ମା' ସ୍ଥାୟୀମଣ୍ଡପଠାରେ ପୂଜା କାର୍ଯ୍ୟ କରାଯିବ । ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପାଇକପଡ଼ାଠାରେ ଥିବା ମା' ଦକ୍ଷିଣକାଳୀଙ୍କ ଆଜ୍ଞାମାଳ ଅଣାଯାଇ ଏହି ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଆଜ୍ଞାମାଳ ଅଣାଯିବା ସମୟରେ ମୁଖ୍ୟ ପୂଜକ ନଳନୀ ଦାସଙ୍କ ସହ ଗୌରୀ ପଟ୍ଟନାୟକ, ଶିବ ପଟ୍ଟନାୟକ, ଶିବାଜୀ ଦାସ , ସୁନୀଲ ପାଣିଗ୍ରାହୀ , ବଳରାମ ବରର୍ତ୍ତୀ,ଦିଲୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।




ବିଜୁ ଯୁବ ବାହିନୀ ପକ୍ଷରୁ ରାୟଗଡ଼ାରେ ବାହାରିଥିବା ସଚେତନତା ଶୋଭାଯାତ୍ରା ।

# ଆନ୍ଧ୍ର ଚାଲାଣବେଳେ ୮ ଶିଶୁ ଶ୍ରମିକ ଉଦ୍ଧାର

ରାୟଗଡା ଅଫିସ,୧୫।୧୦

ଚାଇଲ୍ଡ ଲାଇନ ଏବଂ ଜିଆରପିଏସ ପକ୍ଷରୁ ମଙ୍ଗଳବାର ଚାଲାଣ ହେଉଥିବା ୮ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ୫ ନାବାଳକ ଏବଂ ୩ ନାବାଳିକା ରହିଛନ୍ତି । ଘଟଣାସ୍ଥଳରୁ ଦଲାଲ ଫେରାର ହୋଇଯାଇଛନ୍ତି । ଉଦ୍ଧାର ହୋଇଥିବା ଶିଶୁ ଶ୍ରମିକମାନେ କଲ୍ୟାଣସିଂପୁର, ମୁନିଗୁଡା, କୋଲନରା ଅଞ୍ଚଳର ବୋଲି ଜଣାଯାଇଛି । ପରେ ସମସ୍ତଙ୍କୁ ଶିଶୁ ମଙ୍ଗଳ କମିଟିକୁ ହସ୍ତାନ୍ତର କରାଯାଇଛି । ତାଙ୍କୁ ଆନ୍ଧ୍ରର ଏକ ଚିଙ୍ଗୁଡ଼ି କାରଖାନାରେ କାମ କରିବାକୁ ନିଆଯାଉଥିବା ଜଣାଯାଇଛି।



କଳାକାରମାନେ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ କରୁଛନ୍ତି ।

# ଶାନ୍ତି, ସଂହତି ସଦ୍‌ଭାବନା ଯାତ୍ରା

ଟିକିରି, ୧୫।୧୦ (ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ଓ ଶହୀଦ ଲକ୍ଷ୍ମଣ ନାୟକଙ୍କ ଉଦ୍ଦେଶ୍ୟରେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ, ସରସ୍ୱତୀ ଶିଶୁ ମନ୍ଦିରର ପରିସରରେ ମଙ୍ଗଳବାର ଶାନ୍ତି, ସଂହତି ସଦ୍‌ଭାବନା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ଯୁବ ସଙ୍ଗଠନ, ଉତ୍କଳ ଗାନ୍ଧୀ ସ୍ମାରକୀ , ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ରାଜୀବ ଗାନ୍ଧୀ ଫାଉଣ୍ଡେଶନ ପକ୍ଷରୁ ଏହା ଆୟୋଜିତ ହୋଇଛି । ଏଥିରେ ଉତ୍କଳ ଗାନ୍ଧୀ ସ୍ମାରକୀର ସଭାନେତ୍ରୀ କୃଷ୍ଣା ମହାନ୍ତି ଯୋଗଦେଇ ଗାନ୍ଧୀଙ୍କ ପଦାଙ୍କ ଅନୁସରଣ କରିବା ଲାଗି ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ କରିଥିଲେ। ଏଥିସହ ଗାନ୍ଧିଜୀଙ୍କ ଆଦର୍ଶ ତଥା ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଗୁଣଗାନ କରିବା ସହ ଶାନ୍ତି ସଂହତି ଓ ସଦ୍‌ଭାବନା ଯାତ୍ରା ଉଦ୍ଦେଶ୍ୟରେ ଆଲୋକପାତ କରିଥିଲେ। ମହେନ୍ଦ୍ର ସ୍ୱାଇଁ, ଆର୍.କେ ନାୟକ, ଡମ୍ବରୁଧର ବେହେରା, ନିରଞ୍ଜନ ନାୟକ, ପ୍ରଫୁଲ୍ଲ କୁମାର ବେହେରାଙ୍କ ସହିତ ସ୍ଥାନୀୟ ବୁଦ୍ଧିଜୀବୀ ହରିଚନ୍ଦ୍ର ସାହୁ,ବଣିକ ସଂଘ ସଭାପତି ସୁନା ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରେ ଏକ ପଥପ୍ରାନ୍ତ ନାଟକ 'ଗୋଟିଏ ଅଚିହ୍ନା ଶବ' ମଞ୍ଚସ୍ଥ ହୋଇଥିଲା।

# ସମସ୍ୟାରେ ବୁଡ଼ି ରହିଛନ୍ତି ତୁଦେଇ ଗ୍ରାମବାସୀ

ଟିକିରି, ୧୫।୧୦ (ଡି.ଏନ୍.ଏ.)

**ସମସ୍ୟା ଦୂର ନେଇ ଦାବି**
- ଗ୍ରାମରେ ନାହିଁ ଭଲ ରାସ୍ତା
- ସ୍କୁଲ ନ ଥିବାରୁ ପାଠପଢ଼ାରୁ ବଞ୍ଚିତ ପିଲେ
- ଖଟିଆ,ଭାରରେ ବୁହା ହୁଅନ୍ତି ରୋଗୀ
- ନାଳ ପାଣି ପିଅନ୍ତି ଗ୍ରାମବାସୀ



ଗ୍ରାମକୁ ଯାଇଥିବା ରାସ୍ତା ।

ଗ୍ରାମକୁ ଭଲ ରାସ୍ତା ଖଣ୍ଡେ ନାହିଁ। ସ୍କୁଲଟିଏ ନାହିଁ । ବିଶୁଦ୍ଧ ପାନୀୟ ଜଳ ମଧ୍ୟ ପାଉ ନାହାନ୍ତି । ଏଠି ବିଦ୍ୟୁତ୍ ସେବା ସାତସପନ। ବର୍ଷ ତମାମ୍ ଲାଗି ରହିଛି ବିଭିନ୍ନ ସମସ୍ୟା । ବାରମ୍ବାର ପ୍ରଶାସନକୁ ଗୁହାରି କଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ବିଭିନ୍ନ ସମସ୍ୟାରେ ବୁଡ଼ି ରହି ଏପରି ଜୀବନ ବିତାଉଛନ୍ତି ରାୟଗଡ଼ା ଜିଲା କାଶୀପୁର ବ୍ଲକ ଡ଼ଙ୍ଗାସିଲ ପଞ୍ଚାୟତ ତୁଦେଇ ଗ୍ରାମର ଲୋକେ ।

ପଞ୍ଚାୟତ ସଦରଠାରୁ ମାତ୍ର ୮ କି.ମି. ଦୂରରେ ରହିଛି ଏହି ଗ୍ରାମ। ଏଠାରେ ପ୍ରାୟ ୭୦ ପରିବାର ବସବାସ କରୁଛନ୍ତି। ଗ୍ରାମକୁ ସବୁଦିନିଆ ରାସ୍ତାଟିଏ ନାହିଁ। ଅନ୍ୟ ଦିନଗୁଡ଼ିକରେ ଯାହା ଯେମିତି ଚଳିଯାଉଛନ୍ତି, ହେଲେ ବର୍ଷାଦିନେ ସେମାନଙ୍କ କଷ୍ଟ ଦ୍ୱିଗୁଣିତ ହୋଇଯାଏ। ଗମନାଗମନର ସୁବିଧା ନ ଥିବାରୁ ଗାଁକୁ କୌଣସି ଗାଡ଼ି ଚଳାଚଳ କରିପାରେ ନାହିଁ। ତେଣୁ ଗର୍ଭବତୀ ଓ ଗୁରୁତର ରୋଗୀଙ୍କୁ ଭାର କିମ୍ବା ଖଟିଆ ସାହାଯ୍ୟରେ ମେଡିକାଲକୁ ନେଇଥାନ୍ତି । ରୋଗୀଙ୍କୁ ଖଟିଆରେ ଡଙ୍ଗାସିଲ ପର୍ଯ୍ୟନ୍ତ ଆଣିବା ପରେ ଆମ୍ବୁଲାନ୍ସ ବା ଅନ୍ୟ ଗାଡି ଭଡ଼ା କରି ମେଡିକାଲ ନେଇଥାନ୍ତି। ସେହିପରି ଗାଁରେ ସ୍କୁଲ ଖଣ୍ଡେ ମଧ ନାହିଁ। ଗରିବ ପିଲାମାନେ ବାହାରକୁ ଯାଇ ପାଠ ପଢ଼ିବା ସମ୍ଭବ ନୁହେଁ। ତେଣୁ ଏଠାକାର ପିଲାମାନେ ପାଠପଢାରୁ ବଞ୍ଚିତ ହେଉଛନ୍ତି । ପାନୀୟ ଜଳ ସୁବିଧା ନ ଥିବାରୁ ଲୋକେ ବାଧହୋଇ ନାଳପାଣି ଓ ପୋଖରୀର ଦୂଷିତ ପାଣି ପିଉଛନ୍ତି। ବିଦ୍ୟୁତ୍ ସେବା ନ ଥିବାରୁ ସନ୍ଧ୍ୟା ହେଲେ ଗାଁରେ ତାଟି କବାଟ ପଡ଼ିଯାଏ। ନିର୍ବାଚନ ସମୟ ଆସିଲେ ଗାଁକୁ ନେତାମାନଙ୍କ ସୁଅ ଛୁଟିଥାଏ । ସ୍କୁଲଠାରୁ ଆରମ୍ଭ କରି ମେଡିକାଲ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥାନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ କାହାର ଦେଖା ମିଳେ ନାହିଁ । ଏମିତି କି ବର୍ଷ ତମାମ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡ଼େନାହିଁ ଗ୍ରାମରେ । ଫଳରେ ଲୋକେ ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି । ତେଣୁ ତୁରନ୍ତ ଗ୍ରାମରେ ଲାଗି ରହିଥିବା ସମସ୍ୟା ଦୂର ନେଇ କୁଞ୍ଜି ନାଏକ, ମଧୁ ନାଏକ, ହୀରମଣି ନାଏକ, ଉଗ୍ରସେନ ନାଏକ, ମହେଶ୍ୱର ନାୟକ ଦାବି କରିଛନ୍ତି । ଏ ସମ୍ପର୍କରେ ବିଡ଼ିଓ ଦେବଧର ପ୍ରଧାନଙ୍କୁ ପଚାରିବାରୁ, ଗ୍ରାମର ସମସ୍ୟା ନେଇ ତାଙ୍କ ପାଖରେ କେହି ଅଭିଯୋଗ କରିନାହାନ୍ତି। ତେବେ ଏହାର ତଦନ୍ତ କରାଯାଇ ଲୋକଙ୍କୁ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇ ଦିଆଯିବ ବୋଲି କହିଛନ୍ତି।

